ସିସିଆରଏଏସ୍ ପରମ୍ପରା

ପାରମ୍ପରିକ ସ୍ୱାସ୍ଥ୍ୟ ପଦ୍ଧତିଗୁଡ଼ିକର ଦସ୍ତାବେଜୀକରଣ, ମୂଲ୍ୟାଙ୍କନ ଏବଂ ବୈଜ୍ଞାନିକ ସତ୍ୟାପନ



'ସିସିଆରଏଏସ୍–ପରମ୍ପରା' ପାରମ୍ପରିକ ଚିକିତ୍ସଜ୍ଞମାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ପ୍ରାଚୀନ ଚିକିତ୍ସା ପଦ୍ଧତିଗୁଡ଼ିକୁ ସୁବ୍ୟବସ୍ଥିତ ଭାବେ ଦସ୍ତାବେଜୀକରଣ କରିବା ସହ ସେଗୁଡ଼ିକର ବୈଜ୍ଞାନିକ ସତ୍ୟାପନ କରିଥାଏ। ପ୍ରମାଣଭିତ୍ତିକ ମୂଲ୍ୟାୟନ ମାଧ୍ୟମରେ ଏହା ଅଲିପିବଦ୍ଧ ପାରମ୍ପରିକ ଓ ଦେଶଜ ଚିକିତ୍ସାଜ୍ଞାନ ଏବଂ ଆଧୁନିକ ବୈଜ୍ଞାନିକ ମୂଲ୍ୟାୟନ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରେ। ଏହା ଭାରତର ସମୃଦ୍ଧ ଚିକିତ୍ସା ଐତିହ୍ୟର ସଂରକ୍ଷଣକୁ ସୁନିଶ୍ଚିତ କରିବା ସହ ଗବେଷଣା ଓ ବିକାଶ ପାଇଁ ନୂତନ ଦିଗନ୍ତ ଉନ୍ମୋଚିତ କରେ।

ମୁଖ୍ୟ ଉଦ୍ଦେଶ୍ୟ

ସ୍ଥାନୀୟ ସ୍ୱାସ୍ଥ୍ୟ ପରମ୍ପରା, ମୌଖିକ ସ୍ୱାସ୍ଥ୍ୟ ପରମ୍ପରା ଏବଂ ଲୋକ-ଚିକିତ୍ସା/ ଜନଜାତୀୟ ଚିକିତ୍ସା ପଦ୍ଧତିଗୁଡ଼ିକର କ୍ରମବଦ୍ଧ ଦସ୍ତାବେଜୀକରଣ ଏବଂ ସତ୍ୟାପନ କରିବା।

ପାରମ୍ପରିକ ପଶୁ ଚିକିତ୍ସା ପଦ୍ଧତିଗୁଡ଼ିକର କ୍ରମବଦ୍ଧ ଦସ୍ତାବେଜୀକରଣ ଏବଂ ସତ୍ୟାପନ କରିବା।

ଉପଯୁକ୍ତ ପ୍ରାପ୍ତ ଦାବି/ପଦ୍ଧତିଗୁଡ଼ିକର ବୈଜ୍ଞାନିକ ଗୁଣବତ୍ତା ଆଧାରରେ ସେଗୁଡ଼ିକର ଗବେଷଣାତ୍ମକ ଅଧ୍ୟୟନ (ପ୍ରାକ୍-କ୍ଲିନିକାଲ୍ / କ୍ଲିନିକାଲ୍ ଇତ୍ୟାଦି) କରିବା।

କାର୍ଯ୍ୟପ୍ରଣାଳୀ ନିର୍ଦ୍ଦେଶାବଳୀ

01 ପର୍ଯ୍ୟାୟ ୧:

- ଭାଗ କ: ପାରମ୍ପରିକ ଦାବି / ଚିକିତ୍ସା ପଦ୍ଧତିଗୁଡ଼ିକର ପ୍ରାରମ୍ଭିକ ମୂଲ୍ୟାଙ୍କନ
- ଭାଗ ଖ: କ୍ଷେତ୍ର ପରିଦର୍ଶନ (ଆବଶ୍ୟକତା ଅନୁଯାୟୀ)

02 ପର୍ଯ୍ୟାୟ 2:

- ଆଭ୍ୟନ୍ତରୀଣ ସମୀକ୍ଷା କମିଟି(ISC) ଦ୍ୱାରା ଅନୁଧ୍ୟାନ /ସମୀକ୍ଷା
- ବିଶେଷଜ୍ଞଙ୍କ ଦ୍ୱାରା ସମୀକ୍ଷା
- ବୈଜ୍ଞାନିକ ସତ୍ୟାପନ
- ପ୍ରମାଣ ସ୍ଥାପନ

ଆଗ୍ରହୀ ପାରମ୍ପରିକ ଜ୍ଞାନୀ, ଗୁଣୀ ତଥା ଚିକିତ୍ସକମାନେ ନିଜର ପାରମ୍ପରିକ ସ୍ୱାସ୍ଥ୍ୟ ପଦ୍ଧତିର ଦସ୍ତାବେଜୀକରଣ ପାଇଁ ନିର୍ଦ୍ଧାରିତ ଆବେଦନ ଫର୍ମ (ଭାଗ-୧)କୁ ସମ୍ପୂର୍ଣ୍ଣ ଭାବେ ପୂରଣ କରି, ଆବଶ୍ୟକୀୟ ସହାୟକ ଦସ୍ତାବେଜ କିମ୍ବା ପ୍ରମାଣପତ୍ର ସହିତ 'ସିସିଆରଏଏସ୍' (CCRAS) ଠିକଣାରେ ଡାକ ମାଧ୍ୟମରେ କିମ୍ବା ନିମ୍ନଲିଖିତ ଇ-ମେଲ୍ ଜରିଆରେ ପଠାଇପାରିବେ:

ccrasparampara@gmail.com

ପାରମ୍ପରିକ ଜ୍ଞାନ ପ୍ରଦାନକାରୀ → ଦସ୍ତାବେଜୀକରଣ → ମୂଲ୍ୟାଙ୍କନ ଏବଂ କ୍ଷେତ୍ର ପରିଦର୍ଶନ → ବୈଜ୍ଞାନିକ ସତ୍ୟାପନ → ପ୍ରମାଣ ସ୍ଥାପନ

ଠିକଣା: ସେଣ୍ଟ୍ରାଲ୍ କାଉନ୍ସିଲ୍ ଫର୍ ରିସର୍ଚ୍ଚ ଇନ୍ ଆୟୁର୍ବେଦିକ୍ ସାଇନ୍ସେସ୍ (ଆୟୁର୍ବେଦୀୟ ବିଜ୍ଞାନ ଗବେଷଣା ପରିଷଦ), ଜବାହରଲାଲ୍ ନେହେରୁ ଭାରତୀୟ ଚିକିତ୍ସା ଏବଂ ହୋମିଓପାଥି ଅନୁସନ୍ଧାନ ଭବନ, ଇନଷ୍ଟିଚ୍ୟୁସନାଲ୍ ଏରିଆ, 'ଡି' ବ୍ଲକ୍ ସାମ୍ନା, ଜନକପୁରୀ, ନୂଆଦିଲ୍ଲୀ - ୧୧୦୦୫୮

www.ccras.nic.in